# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11 November – 2025

*********************************

## ମୁଖ୍ୟ ସମ୍ବାଦ

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଶେଷ ହେଲା ଭୋଟ୍‌ଗ୍ରହଣ; ସନ୍ଧ୍ୟା ୫ଟା ସୁଦ୍ଧା ୭୫ ଦଶମିକ

  ୩/୭ ପ୍ରତିଶତ ମତଦାନ

– ବିହାର ବିଧାନସଭା ନିର୍ବାଚନ ପାଇଁ ଅନ୍ତିମ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ଶେଷ; ଆସନ୍ତା ୧୪ରେ ଫଳାଫଳ

- ଏସ୍.ଆଇ. ନିଯୁକ୍ତି ପରୀକ୍ଷା ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି

- ଜଳଶକ୍ତି ମନ୍ତ୍ରଣାଳୟର ଜଳସଂଚୟ ଜନଭାଗିଦାରୀ କାର୍ଯ୍ୟକ୍ରମରେ ପୁରସ୍କୃତ ହେବେ ରାଜ୍ୟର ୫ଟି ଜିଲ୍ଲା

ଏବଂ

- ଐତିହାସିକ ବାଲିଯାତ୍ରା କଟକରେ ଆଜିଠାରୁ ଆରମ୍ଭ ହେଲା ଦୁଇଦିନିଆ ନୌଚାଳନା ପ୍ରତିଯୋଗିତା

Desk

# ବିହାର ନିର୍ବାଚନ

ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ଭୋଟ୍‌ଗ୍ରହଣ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ସନ୍ଧ୍ୟା ୫ଟା ସୁଦ୍ଧା ୬୭ ଦଶମିକ ୧/୪ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଆଜି ମତଦାନ ହୋଇଥିଲା । ଆସନ୍ତା ୧୪ ତାରିଖରେ ଭୋଟଗଣତି ସହ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବ।

Nuapada

# ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଭୋଟଗ୍ରହଣ ଶେଷ ହୋଇଛି । ସନ୍ଧ୍ୟା ୫ଟା ସୁଦ୍ଧା ୭୫ ଦଶମିକ ୩/୭ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ନୂଆପଡ଼ାରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ଚାଲିଥିଲା। କେତୋଟି ବୁଥ୍‌ରେ ଇଭିଏମ୍‌ରେ ସାମାନ୍ୟ ତ୍ରୁଟି ଦେଖାଦେବାରୁ ସେଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇ ଭୋଟ୍ ପ୍ରକ୍ରିୟାକୁ ସ୍ୱାଭାବିକ କରାଯାଇଥିଲା । ମତଦାନ ପୂର୍ବରୁ ସମସ୍ତ ୩୫୮ଟି ମତଦାନ କେନ୍ଦ୍ରରେ ମକ୍ ପୁଲିଂ ହୋଇଥିଲା। ଆସନ୍ତା ୧୪ ତାରିଖରେ ଭୋଟଗଣତି ହୋଇ ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବ।

Desk

## ଏସ୍.ଆଇ ନିଯୁକ୍ତି– ସିବିଆଇ ତଦନ୍ତ

ପୁଲିସ୍ ସବ୍-ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ କରିବା ପାଇଁ ଆଜି କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। କ୍ରାଇମବ୍ରାଞ୍ଚ ବର୍ତ୍ତମାନ ମାମଲାର ତଦନ୍ତ କରୁଛି।

Desk

## ହାଇ ଆଲର୍ଟ

ଦିଲ୍ଲୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଗତକାଲି ସନ୍ଧ୍ୟାରେ ଘଟିଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ସଂସ୍କୃତି, ଐତିହ୍ୟସ୍ଥଳ, ବିମାନ ବନ୍ଦର ଏବଂ ରେଳଷ୍ଟେସନ ଗୁଡ଼ିକରେ କଡ଼ାକଡ଼ି ଯାଞ୍ଚ ସହିତ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

**- V/O -**

PIB

## ଜଳଶକ୍ତି ଅଭିଯାନ– ପୁରସ୍କାର ରାଶି

କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର 'କ୍ୟାଚ୍ ଦି ରେନ୍' ଜଳଶକ୍ତି ଅଭିଯାନ ଅଧୀନରେ ଜଳସଂଚୟ ଜନଭାଗିଦାରୀ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନକାରୀ ଅଂଶୀଦାର ମାନଙ୍କ ପାଇଁ ପୁରସ୍କାର ଘୋଷଣା କରାଯାଇଛି।

ଏହି ଉପଲକ୍ଷେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆସନ୍ତା ୧୮ ତାରିଖରେ ଆୟୋଜିତ ହେବାକୁ ଥିବା ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଷଷ୍ଠ ଜାତୀୟ ଜଳ ପୁରସ୍କାର ପ୍ରଦାନ କରିବେ ।

ଚଳିତ ବର୍ଷ ଏହି ଅଭିଯାନରେ ମୋଟ୍ ୧୦୦ଟି ପୁରସ୍କାର ଘୋଷଣା କରାଯାଇଛି । ଏଥିରେ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ତିନୋଟି ରାଜ୍ୟ, ୬୭ଟି ଜିଲ୍ଲା, ୬ଟି ପୌରନିଗମ, ଗୋଟିଏ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ୨ଟି ଅଂଶୀଦାର ମନ୍ତ୍ରଣାଳୟ, ଦୁଇଟି ଶିକ୍ଷାନୁଷ୍ଠାନ, ତିନୋଟି ଏନ୍‌ଜିଓ, ଦୁଇଜଣ ସମାଜସେବୀ ଏବଂ ୧୪ ଜଣ ନୋଡାଲ ଅଧିକାରୀ ସାମିଲ ଅଛନ୍ତି । ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଓଡ଼ିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କଟକକୁ ପୁରସ୍କୃତ କରାଯିବ । ଅଭିଯାନରେ ଶ୍ରେଷ୍ଠତା ପ୍ରଦର୍ଶନ କରୁଥିବା ଜିଲ୍ଲାଗୁଡ଼ିକୁ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯିବ ।

I&PR

## ସାଗର କବଚ

ଭୁବନେଶ୍ୱରସ୍ଥିତ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ସଂଯୁକ୍ତ ଉପକୂଳ ସୁରକ୍ଷା ଅଭ୍ୟାସ 'ସାଗର କବଚ' ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭ୍ୟାସ ସମୟରେ ଦେଖା ଦେଇଥିବା ତ୍ରୁଟିଗୁଡ଼ିକର ତ୍ୱରିତ ସମାଧାନ ନେଇ ଆଲୋଚନା ହୋଇଥିଲା । ଏହା ସହ ସମ୍ଭାବ୍ୟ ଡ୍ରୋନ୍ ଆକ୍ରମଣର ମୁକାବିଲା ପାଇଁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ– ତଟସୁରକ୍ଷା ପକ୍ଷରୁ ଏକ

ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଥିବା ବୈଠକରୁ ଜଣାପଡ଼ିଛି। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କାର୍ଯ୍ୟରେ ମତ୍ସ୍ୟମିତ୍ର ଓ ସାଗର ମିତ୍ର ସମେତ ତଟବର୍ତ୍ତୀ ଧିବର ତଥା ସ୍ଥାନୀୟ ବାସିନ୍ଦାଙ୍କୁ ସାମିଲ କରିବା ପାଇଁ ଶ୍ରୀ ସାହୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନା ଅନୁସାରେ, ଗତ ସେପ୍ଟେମ୍ବର ମାସ ୩ ଓ ୪ ତାରିଖରେ ସାଗର କବଚ ସୁରକ୍ଷା ଅଭ୍ୟାସ ଅନୁଷ୍ଠିତ ହୋଇଥିଲା।

CTC

## ନୌଚାଳନା ପ୍ରତିଯୋଗିତା

ଐତିହାସିକ ବାଲିଯାତ୍ରା କଟକ ଜାରି ରହିଛି। ଏହି ଉପଲକ୍ଷେ ଆଜିଠାରୁ ମହାନଦୀ କୂଳ ଗଡ଼ଗଡ଼ିଆ ଘାଟରେ ଦୁଇଦିନିଆ ନୌଚାଳନା ପ୍ରତିଯୋଗିତା ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରି କହିଛନ୍ତି, ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାର ସ୍ମୃତିରେ ଏହିଭଳି ପ୍ରତିଯୋଗିତାର ଆୟୋଜନ ଗୁରୁତ୍ୱ ବହନ କରେ। ଆଗାମୀ ଦିନରେ ଓଡ଼ିଶାର ଜଳକ୍ରୀଡ଼ାକୁ ଅନ୍ତର୍ଜାତୀୟସ୍ତରରେ ପହଁଞ୍ଚାଇବା ପାଇଁ ଉଦ୍ୟମ କରାଯିବ। ସରକାରଙ୍କ ପକ୍ଷରୁ ଜଳକ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତିଯୋଗିତାରେ ୧୦ଟି ରାଜ୍ୟରୁ ୧୫ଟି ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି।

Puri

## ଶ୍ରୀମନ୍ଦିର- ପ୍ରଥମାଷ୍ଟମୀ ନୀତି

ରାଜ୍ୟରେ ଆସନ୍ତାକାଲି ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମି ତିଥିରେ ପ୍ରଥମାଷ୍ଟମୀ ପାଳନ କରାଯିବ। ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଭୋଗ

ମଣ୍ଡପ ନୀତି ଶେଷ ହେବାପରେ ତିନି ବାଡ଼ରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ଅନୁଷ୍ଠିତ ହେବ। ପ୍ରଥମାଷ୍ଟମୀ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ମଙ୍ଗଳାର୍ପଣ ନୀତି ହେବ। ଏହାପରେ ଫୁଲୁପୁରିଆ ଖାଦି ଓ ଛେଦା ପ୍ରସାଦ ଲାଗି ହୋଇ ବନ୍ଦାପନା କରାଯାଇ ପ୍ରଥମାଷ୍ଟମୀ ନୀତି ପାଳିତ ହେବ।

Nayagarh

## କ୍ଷତିପୂରଣ ପ୍ରଦାନ

ନୟାଗଡ଼ ଜିଲ୍ଲାର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ପରିବାର ଓ ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ଥଇଥାନ ପାଇଁ ପ୍ରଶାସନିକ ସ୍ତରରେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ୪୧ଟି ଗ୍ରାମର ଲୋକଙ୍କୁ ଥଇଥାନ କରିବା ଲକ୍ଷ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀମାନେ ସ୍ଥାନ ଚିହ୍ନଟ କରିଛନ୍ତି।

Ganjam

## ଡିଏଲ୍‌ସି ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ପୁଞ୍ଜିନିବେଶ ସୁଯୋଗ ଏବଂ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ମାଧ୍ୟମରେ ଲାଭାନ୍ୱିତ ହେବା ନେଇ ଆଲୋଚନା ହୋଇଥିଲା।

## ନୂଆ ଆପ୍

ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ-ୟୁଡିଆଇ ପକ୍ଷରୁ ନୂଆ ଆଧାର ଆପ୍‌ର ଶୁଭାରମ୍ଭ ହୋଇଛି । ଏହାଦ୍ୱାରା ୧୪୦ କୋଟି ଭାରତୀୟ ସେମାନଙ୍କ ସ୍ମାର୍ଟଫୋନ୍‌ରେ ଡିଜିଟାଲ୍ ଆଧାର କାର୍ଡ ରଖିପାରିବେ । ଉଭୟ ଗୁଗୁଲ୍ ପ୍ଲେଷ୍ଟୋର ଏବଂ ଆପଲ୍ ଆପ୍‌ଷ୍ଟୋର୍‌ରେ ଏହି ଆପ୍ ମାଗଣାରେ ଉପଲବ୍ଧ ହେଉଛି । ନୂଆ ଆଧାର ଆପ୍‌ରେ ବାୟୋମେଟ୍ରିକ୍ ଲକ୍, ମୁଖ ଚିହ୍ନଟ ପ୍ରଯୁକ୍ତି ଏବଂ କ୍ୟୁଆର୍ କୋଡ୍ ଭିତ୍ତିକ ସେୟାରିଂ ସୁବିଧା ରହିଥିବା ଜଣାପଡ଼ିଛି ।

Nayagarh

## ପ୍ରାଣୀ ସମ୍ପଦ ମେଳା

ନୟାଗଡ଼ ବ୍ଲକସ୍ଥିତ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ ନେଇଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୮ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୭ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

Gajapati/Nayagarh

## ସାଇବର ସୁରକ୍ଷା ସଚେତନା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ପକ୍ଷରୁ ଦଶପଲ୍ଲା ବ୍ଲକ ମେଲିତୋଟା ପରିସରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ

ହୋଇଯାଇଛି । କାର୍ଯ୍ୟକ୍ରମରେ ଦଶପଲ୍ଲା ଏନ୍‌ଏସି'ର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସାଇବର ସଚେତନତା ସଭା ଓ ପଦଯାତ୍ରା ଅନୁଷ୍ଠିତ ହୋଇଛି । ସ୍ଥାନୀୟ ପ୍ୟାଲେସ ଛକରୁ ଆଦର୍ଶ ପୁଲିସ ଥାନା ପର୍ଯ୍ୟନ୍ତ ସଚେତନତା ପଦଯାତ୍ରାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଶୁଭାରମ୍ଭ କରିଥିଲେ ।

Desk

# ଜାତୀୟ ଶିକ୍ଷା ଦିବସ

ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କ ଜନ୍ମଦିନ ସ୍ମୃତିରେ ପ୍ରତିବର୍ଷ ନଭେମ୍ବର ମାସ ୧୧ ତାରିଖକୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ 'କୃତ୍ରିମ ବୁଦ୍ଧିମତା ଏବଂ ଶିକ୍ଷା, ସ୍ୱୟଂଚାଳିତ ବିଶ୍ୱରେ ମାନବ ସଂଗଠନର ସଂରକ୍ଷଣ'ର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି ।

ଦେଶ ସ୍ୱାଧୀନ ହେବା ପରେ ସ୍ୱର୍ଗତ ମୌଲାନା ଅବୁଲ୍ କଲାମ ଆଜାଦ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖଠାରୁ ୧୯୫୮ ମସିହା ଫେବୃୟାରୀ ମାସ ୨ ତାରିଖ ପର୍ଯ୍ୟନ୍ତ ଭାରତର ଶିକ୍ଷାମନ୍ତ୍ରୀ ଥିଲେ । ଶିକ୍ଷାକ୍ଷେତ୍ରରେ ଗ୍ରାମାଞ୍ଚଳର ଝିଅମାନଙ୍କୁ ଶିକ୍ଷିତ କରିବାପାଇଁ ସ୍ୱର୍ଗତ ଆଜାଦଙ୍କ ବଡ଼ ଅବଦାନ ଥିଲା । ଶିକ୍ଷାମନ୍ତ୍ରୀ ଥିବା ସମୟରେ ସ୍ୱର୍ଗତ ଆଜାଦ ଜାତୀୟ ଶିକ୍ଷାନୀତି ପ୍ରଣୟନ କରିଥିଲେ । ବୈଷୟିକ

ଶିକ୍ଷାକ୍ଷେତ୍ରରେ ଆଇ.ଆଇ.ଟି.ଗୁଡ଼ିକ ସ୍ଥାପନପାଇଁ ମୌଲାନା ଅବୁଲ୍ କଲାମ୍ ଆଜାଦ୍ ଚିରସ୍ମରଣୀୟ ହୋଇ ରହିବେ ।  ଆର୍ଥିକ କ୍ଷେତ୍ର ସହ ବୌଦ୍ଧିକ ବିକାଶରେ ଶିକ୍ଷା କିପରି ଅଧିକରୁ ଅଧିକ ଫଳପ୍ରଦ ହୋଇପାରିବ, ମୌଲାନା ଅବୁଲ୍ କଲାମ ଆଜାଦଙ୍କର ଲକ୍ଷ୍ୟ ଥିଲା । ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଏବଂ ପ୍ରୌଢ଼ଶିକ୍ଷାର ବାର୍ତ୍ତା ନେଇ ଆଜି ଏହି ଦିବସ ପାଳନ କରାଯାଉଛି ।

Malkangiri/Nabarangpur

## ଜିଲ୍ଲା– ଜାତୀୟ ଶିକ୍ଷା ଦିବସ

ଶିକ୍ଷା ଦିବସ ଅବସରରେ ମାଲକାନଗିରି ଜିଲ୍ଲା ଜେଲ ପରିସରରେ ଏକ ସାମାଜିକ ଚେତନା କେନ୍ଦ୍ରକୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା କାରଗାରରେ ଥିବା ନିରକ୍ଷର ଅନ୍ତେବାସୀମାନଙ୍କୁ ଏହି କେନ୍ଦ୍ର ମାଧ୍ୟମରେ ସାକ୍ଷର କରାଯିବା ସହ କୌଶଳ ବିକାଶ ତାଲିମ ପ୍ରଦାନ କରାଯିବ।

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମାଳେଶ୍ୱରୀ ସାହୁ ଶିକ୍ଷା କ୍ଷେତ୍ରରେ ଆଜାଦ୍‌ଙ୍କ ଅବଦାନ ଓ ନବଚେତନାର ସ୍ମୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

Desk

## ରଣଜୀ ଟ୍ରଫି

ନାଗପୁରରେ ଚାଲିଥିବା ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ କ୍ରିକେଟ୍ ମ୍ୟାଚ୍‌ରେ ଓଡ଼ିଶା’ ବିଦର୍ଭଠାରୁ ୧୦୦ ରନ୍‌ରେ ପରାସ୍ତ ହୋଇଛି। ଚଳିତ ସିଜିନ୍‌ର ଚତୁର୍ଥ ମ୍ୟାଚ୍‌ରେ ବିଦର୍ଭ ପ୍ରଥମ ଇନିଂସରେ ୨୮୬ ଓ ଦ୍ୱିତୀୟ ଇନିଂସରେ ୨୧୮ ରନ୍ ସଂଗ୍ରହ କରିଥିଲା। ଓଡ଼ିଶା ପ୍ରଥମ ଇନିଂସରେ ୧୬୦ ଏବଂ ଦ୍ୱିତୀୟ ଇନିଂସରେ ୨୪୪ ରନ୍ ସଂଗ୍ରହ କରି ବିଦର୍ଭଠାରୁ ପରାସ୍ତ ହୋଇଛି।

Met. O.

## ପାଣିପାଗ

ରାଜ୍ୟକୁ ଉତ୍ତର ଦିଗରୁ ଶୁଖିଲା ଥଣ୍ଡା ପବନ ପ୍ରବେଶ କରୁଥିବାରୁ ବିଭିନ୍ନ ସ୍ଥାନରେ ରାତି ତାପମାତ୍ରା ୩ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ପର୍ଯ୍ୟନ୍ତ ରାତି ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ଆଭ୍ୟନ୍ତରୀଣ, ପଶ୍ଚିମ ଏବଂ ଦକ୍ଷିଣାଞ୍ଚଳରେ ତାପମାତ୍ରା ହ୍ରାସ ପାଇବା ସହିତ ଅଧିକ ଥଣ୍ଡା ଅନୁଭୂତ ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରି ବୃଦ୍ଧି ପାଇବା ନେଇ ଝାରସୁଗୁଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।